ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଇଂରାଜୀ ପରିପ୍ରେକ୍ଷୀରେ ସ୍ଥାନୀୟ ଭାଷା: ଜ୍ଞାନ, ଶକ୍ତି, ଓ ପରିଚିତି

**ସଞ୍ଜୟ କୁମାର ବାଗ**

"Education is the most powerful weapon we can use to change the world.

– Nelson Mandela (2003)

"If your plan is for one year, plant rice. If your plan is for ten years, plant tress. If your plan is for one hundred years, educate children".

– Kuan Chung (7th Century BC)

Source: World Development Report 2018: Learning to Realise Education's Promise P.3.

ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରୟାସ କରିବା, ସେହି ଭାଷାରେ ଜ୍ଞାନପାଠ ପ୍ରସ୍ତୁତକରି ତାକୁ ଜ୍ଞାନ ଓ ଶକ୍ତିର ପରିପ୍ରକାଶକ ଭାବେ ଠିଆ କରାଇବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ବର୍ଷବର୍ଷ ଧରି ଯେଉଁ ବିଦ୍ୱାନମାନେ ସ୍ଥାନୀୟ ଭାଷା, ସଂସ୍କୃତି, ଜ୍ଞାନ ପରମ୍ପରା ଉପରେ ଗବେଷଣା କରିବା ତ ଦୂର ସେସବୁକୁ ଗୋଟେ ପ୍ରକାର ନ୍ୟୁନଦୃଷ୍ଟିରେ ଦେଖୁଥିଲେ ସେମାନେ ଏଇ ପ୍ରସଙ୍ଗ ଗୁଡ଼ିକର ଏବେ ମୁଖ୍ୟ ପ୍ରବକ୍ତା । ତେବେ, ସେ ଯାହା ବି ହେଉ ଏହା ଆମର ଶିକ୍ଷା ଓ ଗବେଷଣାକୁ ନୂତନ ଆୟାମ ପ୍ରଦାନକରିବ ବୋଲି ଆମେ ନିଶ୍ଚୟ ଆଶା କରିବା । କାରଣ, ସ୍ଥାନୀୟ ଭାଷାକୁ ସଶକ୍ତ କରିବା, ସ୍ଥାନୀୟ ଭାଷାରେ 'ଜ୍ଞାନପାଠ (knowledge text)' ପ୍ରସ୍ତୁତ କରିବା, ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷାଦେବା ଯେକୌଣସି ଗୋଷ୍ଠୀ ବା ଦେଶ ପାଇଁ ଅନନ୍ୟ ଶିକ୍ଷା ପ୍ରକ୍ରିୟା, ଓ ପରିଚିତିର ବିଷୟ(୨) । କିନ୍ତୁ, ଭାରତର ବହୁଭାଷିକ ପରମ୍ପରାରେ ଇଂରାଜୀ କିମ୍ବା ହିନ୍ଦୀକୁ ଅନ୍ୟ ଅନେକ ସ୍ଥାନୀୟ ଭାଷାର ଅଗ୍ରଗତିରେ ଅବରୋଧକ ବୋଲି ଭାବିବା ଅନ୍ୟ ଏକ ବିଷୟ । ଦୁଇଶହ ବର୍ଷର ଶାସନ ଭିତରେ ଇଂରେଜମାନେ ଆମଠୁ ଅନେକ କିଛି ନେଇଛନ୍ତି ତାହା ନୁହେଁ, ଆମକୁ ଅନେକ କିଛି ଦେଇଛନ୍ତି ବି, କେବଳ ଇଂରାଜୀ ଭାଷା ହିଁ ନୁହେଁ । ସେହିପରି, ସାମ୍ପ୍ରତିକ ଆବଶ୍ୟକତା ଓ ପ୍ରାସଙ୍ଗିକତା ଦୃଷ୍ଟିରୁ ହିନ୍ଦୀ ଭାଷାକୁ ବି ଉପେକ୍ଷା କରିବା ପାଇଁ କୁହାଯାଇନପାରେ । ଆମେ ଜାଣିବା ଆବଶ୍ୟକ ଯେ, "କୌଣସି ଭାଷା ଅନ୍ୟ ଏକ ଭାଷା ପାଇଁ ବିପଦ ନୁହେଁ । ବିପଦ ବା ଥ୍ରେଟ୍ ଏହି ପରିପ୍ରେକ୍ଷୀରେ (ଭାଷା ବିକାଶ କ୍ଷେତ୍ରରେ) ଏକ ବିଭ୍ରାନ୍ତିକାରୀ ଆଖ୍ୟା ଓ ଏହା ତଥାକଥିତ ବିପନ୍ନକାରୀ ଭାଷା ପ୍ରତି ଏକ ଦୁର୍ଭାଗ୍ୟପୂର୍ଣ୍ଣ ମନୋଭାବ ଉପୁଜାଏ" (ପଟ୍ଟନାୟକ ୨୦୧୫, ୬) ।

ସମ୍ପ୍ରତି ବିଦ୍ୱାନମାନେ ସ୍ଥାନୀୟ ଭାଷାକୁ ଶକ୍ତିଶାଳୀ କରିବାକୁ ଗୁରୁତ୍ୱ ଦେଉଛନ୍ତି । ଅତଏବ, ସ୍ଥାନୀୟ ଭାଷାରେ ଶିକ୍ଷାଦାନ ଓ ଜ୍ଞାନପାଠର ସର୍ଜନ କଥା କୁହାଯାଉଛି । ଏହା ନିଶ୍ଚିତ ଯେ ଭାଷାରେ କେବଳ ସାହିତ୍ୟ ନୁହେଁ, ଜ୍ଞାନ ସାମଗ୍ରୀ ମଧ୍ୟ ଉପଲବଧ ହେବା ଆବଶ୍ୟକ । ନହେଲେ ଭାଷା ଶକ୍ତିଶାଳୀ ହୋଇପାରିବ ନାହିଁ । ସମ୍ପ୍ରତି ଭାଷାର ଭୂମିକା କେବଳ ନିଜ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ନୁହେଁ ବରଂ ଅନ୍ୟ ଗୋଷ୍ଠୀରେ ମଧ୍ୟ ସେଭଳି ଅପେକ୍ଷା ରଖେ । ସେହିପରି, ଏହା ସର୍ବତ୍ର ଆନୁଷ୍ଠାନିକ ଶିକ୍ଷାର ମାଧ୍ୟମ ମଧ୍ୟ । ଆନୁଷ୍ଠାନିକ ଶିକ୍ଷା ସ୍ଥାନୀୟ ଭାଷାରେ ତଥା ମାତୃଭାଷାରେ ହେଲେ ଛାତ୍ରର ବୌଦ୍ଧିକ, ମାନସିକ ବିକାଶ ହୁଏ (Kuper 2003, 81; and Quane 2003, 96-97) । ତେବେ, ଆନୁଷ୍ଠାନିକ ଶିକ୍ଷା କଥା ଯେତେବେଳେ ଉଠେ, ସେତେବେଳେ ଆମେ ଦେଖୁଛୁ ଆଜିର ମୁକ୍ତ ଜ୍ଞାନର ଯୁଗରେ, ବିଷୟଗତ ଜ୍ଞାନ ଆହାରଣ କ୍ଷେତ୍ରରେ ସେହି ଭାଷାର ଗୁରୁତ୍ୱ ରହୁଛି ଯେଉଁ ଭାଷା ଏସବୁ ପାଇବାରେ ସୁଯୋଗ ପ୍ରଦାନ କରୁଛି । ସେ ପ୍ରାଥମିକ ଶିକ୍ଷା ହେଉ କି ଉଚ୍ଚ

ଶିକ୍ଷା । ବୋଧେ ଏଇ କାରଣରୁ ସ୍ଥାନୀୟ ଭାଷାରେ ଶିକ୍ଷାଦାନ କରୁଥିବା ସ୍କୁଲଗୁଡ଼ିକରେ ଆର୍ଥିକ ଭାବରେ ସ୍ୱଚ୍ଛଳ କୌଣସି ଅଭିଭାବକ ତାଙ୍କ ପିଲାଙ୍କୁ ପାଠ ପଢାଉନାହାନ୍ତି । ଆଉ ଯେଉଁମାନେ ଜ୍ଞାନ, ଶିକ୍ଷାଗ୍ରହଣ, ଆହରଣ କ'ଣ ସେ ବିଷୟରେ ଟିକିଏ ବି ଅବଗତ ସେମାନେ ସରକାରୀ ସ୍କୁଲର ନାଁ ବି ନିଅନ୍ତି ନାହିଁ । ଏହାର କାରଣ ସର୍ବ ଭାରତୀୟ ସ୍ତରରେ ପ୍ରତିଯୋଗିତାର ଭାଷିକ ମାଧ୍ୟମ ପ୍ରାୟତଃ ଇଂରାଜୀ ଓ ସରକାରୀ ତଥା ଅନ୍ୟ ଅନେକ ବେସରକାରୀ କାର୍ଯ୍ୟ ଓ କାର୍ଯ୍ୟାଳୟରେ, ତଥା ଆନ୍ତର୍ଜାତିକ ସ୍ତରରେ ଆଦାନ ପ୍ରଦାନର ମାଧ୍ୟମ ମଧ୍ୟ ଇଂରାଜୀ । ତେବେ, ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତା ପରୀକ୍ଷାଗୁଡ଼ିକ ସମସ୍ତ ମାତୃଭାଷାରେ ନହେଲେ ବି ଆଂଚଳିକ ଭାଷାରେ ଯେ କରାଯାଇପାରିବ ନାହିଁ ନୁହେଁ, କିଛି ପରୀକ୍ଷା ହେଉଛି ବି । ଏଠାରେ ଅବଶ୍ୟ ଉଲ୍ଲେଖ କରାଯାଇପାରେ ଯେ, ଆଜିର ଦିନରେ ଅନେକ ସ୍ଥାନୀୟ ମହାବିଦ୍ୟାଳୟରେ ପିଲାମାନେ ସହଜରେ ପାଶ କରିବେ ବୋଲି ଇତିହାସ, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ, ଭୂଗୋଳ, ମନସ୍ତତ୍ତ୍ୱ ଭଳି ଅନେକ ବିଷୟକୁ ପରୀକ୍ଷାରେ ଓଡ଼ିଆ ଭାଷାରେ ଲେଖୁଛନ୍ତି । ଏ ଚିତ୍ରଟି କେବଳ ଓଡ଼ିଶାରେ ସୀମିତ ନୁହେଁ ଭାରତର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳେ । ପ୍ରମାଣସ୍ୱରୂପ, ଯେକୌଣସି ପାଠ୍ୟପୁସ୍ତକ ଦୋକାନକୁ ଯାଇ ଦେଖନ୍ତୁ ଗୁଡ଼ାଏ ଗାଇଡ୍ ବହି ସ୍ଥାନୀୟ ଭାଷାରେ ପାଇବେ । ଆଉ, ସର୍ବଭାରତୀୟ ସ୍ତର କଥା ଛାଡନ୍ତୁ ସ୍ଥାନୀୟ ପ୍ରତିଯୋଗିତାରେ ତଥା ଉଚ୍ଚଶିକ୍ଷାରେ ସେମାନଙ୍କ ପ୍ରଦର୍ଶନ କିଭଳି ତାହା ଆମେ ସମସ୍ତେ ଦେଖୁଛୁ । ସେହି ପିଲାମାନଙ୍କୁ ତାଙ୍କର ଅନ୍ୟ ସହପାଠୀ, ଶିକ୍ଷାନୁଷ୍ଠାନ, ଓ କର୍ମସଂସ୍ଥାନ ଗୁଡ଼ିକ କିଭଳି ଦୃଷ୍ଟିରେ ଦେଖନ୍ତି ଏହା ମଧ୍ୟ ଆମେ ଜାଣୁ ।

ଜ୍ଞାନ ପାଠରେ କଥା କହିଲାବେଳେ ବି ଜଣେ ଶିକ୍ଷାର୍ଥୀଙ୍କୁ ସେହି ଭାଷା ଆକୃଷ୍ଟ କରିବ ଯେଉଁ ଭାଷା ଏସବୁ ତାଙ୍କୁ ଉପଲବଧ କରାଇବ । ଉଦାହରଣସ୍ୱରୂପ, ଜଣେ ରସାୟନ ବିଜ୍ଞାନର ଛାତ୍ର ବିଷୟ ଆଧାରିତ ସ୍ୱଷ୍ଟ ଅବଧାରଣା, ନୂତନ ତଥ୍ୟ ଓ ତତ୍ତ୍ୱ ପାଇଁ ଇଂରାଜୀ ଭାଷା ପାଖକୁ ହିଁ ଯିବ । ଆମେ ତାଙ୍କୁ ସ୍ଥାନୀୟ ଭାଷାରେ ଉପଲବଧ ହାତଗଣତି ସାମଗ୍ରୀ ଭିତରେ ସନ୍ତୁଷ୍ଟ ରହନ୍ତୁ କହିଲେ ହେବନାହିଁ । ଅତଏବ, ଆନୁଷ୍ଠାନିକ ବିଷୟଗତ ଶିକ୍ଷାରେ ସ୍ଥାନୀୟ ଭାଷାର ଅଗ୍ରାଧିକାର ଆଶାକରିବାକୁ ହେଲେ ସମାନ୍ତରାଳ ଭାବରେ ବିଶ୍ୱସ୍ତରୀୟ ବିଷୟଗତ ଜ୍ଞାନ ସାମଗ୍ରୀ ଉପଲବଧ ହେବା ଦରକାର । କାରଣ, ଶୈକ୍ଷିକ ଅନୁଷ୍ଠାନରେ ବିଷୟଗୁଡ଼ିକ ସ୍ଥାନୀୟ ନୁହେଁ– ଆନ୍ତର୍ଜାତିକ । ସ୍ଥାନୀୟ ଭାଷା ବିକାଶର ଦୀର୍ଘ ପରମ୍ପରାରେ ସମସ୍ତ ଆଧୁନିକ ବିଷୟ ଉପରେ ଆମର ଜ୍ଞାନ ପାଠ ଆଦୌନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଆଗକୁ ଏକ ସୀମିତ ସମୟରେ ସେ ଶୂନ୍ୟତାକୁ କିପରି ପୂରଣ କରିପାରିବା ? ସ୍ଥାନୀୟ ଭାଷାରେ ଜ୍ଞାନପାଠର ସମୃଦ୍ଧି କେବଳ ଅନୁବାଦରେ ହୁଏନାହିଁ, ସମ୍ପୃକ୍ତ ବିଷୟ ତଥା ଜ୍ଞାନ ପରିସରକୁ ସମୃଦ୍ଧ କଲାଭଳି ନୂତନ ଗବେଷଣା ହେବା ମଧ୍ୟ ଦରକାର ଯାହା ସମ୍ପୃକ୍ତ ଭାଷାଭାଷୀଙ୍କ ଜ୍ଞାନତୃଷ୍ଣାକୁ ମେଣ୍ଟେଇ ପାରୁଥିବ, ଅନ୍ୟ ଭାଷାର ସେହି ବିଷୟଗତ ଜ୍ଞାନକୁ ଆହ୍ୱାନ ଜଣାଇପାରୁଥିବ । ଅନ୍ୟ ବିଷୟ ସମ୍ପର୍କରେ ମୁଁ କହିପାରିବ ନାହିଁ, ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନରେ ଲୋକଧାରା ତଥା ସାହିତ୍ୟ ତତ୍ତ୍ୱଗୁଡ଼ିକୁ ଏଭଳି ଭାଙ୍ଗିମୋଡ଼ି ବିକୃତ ଭାବରେ ଆମର ଶିକ୍ଷକମାନେ ଉପସ୍ଥାପନ କରୁଛନ୍ତି ଯେ ସେସବୁ ଉଲ୍ଲେଖ କରିହେବ ନାହିଁ । ସେମାନେ କେବଳ ପାଶ୍ଚାତ୍ୟ ଆଧୁନିକ ସାହିତ୍ୟ ତତ୍ତ୍ୱକୁ ନୁହେଁ ବରଂ ପ୍ରାଚୀନ ଭାରତୀୟ ତତ୍ତ୍ୱଗୁଡ଼ିକୁ ମଧ୍ୟ ଏଭଳି ଉପସ୍ଥାପିତ କରୁଛନ୍ତି । ବେଳେବେଳେ କେତେକ ବିଦ୍ୱାନ କହନ୍ତି ଯେ ଆମେ ଇଂରାଜୀ ବା ଇଂରାଜୀ ବିଦ୍ୱାନମାନଙ୍କୁ କେବଳ ଅନୁସରଣ କରୁଛୁ, ଆମ ଭାରତୀୟ ବିଦ୍ୱାନ ଓ ଜ୍ଞାନପାଠକୁ ଗୁରୁତ୍ୱ ଦେଉନାହୁଁ । ତେବେ କ'ଣ ବାୟୁକୁ ଆମେ ପଞ୍ଚଭୂତର ଏକ ଅଂଶମାତ୍ର ବୋଲି ହିଁ ମାନିବା ନା ଅମ୍ଳଜାନ, ଯବକ୍ଷାରଜାନ, ଆରଗନ, ଓ କାର୍ବନ ଡାଇଅକ୍ସାଇଡ୍ ଆଦିର ମିଶ୍ରଣ ବୋଲି ବି କହିବା ? ସେହିପରି, ମ୍ୟାଲେରିଆ ହେଲେ ଆଧୁନିକ ଭେଷଜ ଚିକିତ୍ସା ବି କରିବା ନା କେବଳ ଗଙ୍ଗଶିଉଳି ପତ୍ର ଚୋବାଇ ଚୁପ ରହିଯିବା ? ଏକଥା କହିଲାବେଳେ ମୁଁ ସ୍ଥାନୀୟ ଜ୍ଞାନ ଓ ଅବଧାରଣାଗୁଡ଼ିକୁ ଉପେକ୍ଷା କରୁନାହିଁ । ବରଂ, ଉପେକ୍ଷା ତ ଆମର ଏହି ବିଦ୍ୱାନମାନେ ହିଁ କରିଛନ୍ତି ନହେଲେ ଭାରତରେ ବି କଥା ଆଖ୍ୟାନର ବହୁ-ଆୟାମୀ ବାଚିକ ପରମ୍ପରା ଥିଲା ଓ ଏବେ ବି ଅଛି । କିନ୍ତୁ, ସାହିତ୍ୟରେ ଆଧୁନିକ ଲିଖିତ ଅଭିଧା –'ଗଳ୍ପ' ଭାବରେ ଇଂରେଜମାନେ ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ପରେ ହିଁ ବିକାଶ ଲାଭକଲା । ଆମର ତାଳପତ୍ର ଓ ଲୌହ-ଲେଖନୀର ଲେଖନ ପରମ୍ପରାକୁ ଆମେ ଯୁଗୋପଯୋଗୀ କରିପାରିଲୁ ନାହିଁ, କାଗଜ ଓ କଲମ ଭଳି ଆଧୁନିକ ଉତ୍ପାଦ ଅନ୍ୟ ଗୋଷ୍ଠୀଦ୍ୱାରା ହିଁ ବିକଶିତ ହେଲା । ଆମର ପୁଷ୍ପକ ବିମାନ ଉଡାଜାହାଜ ନହୋଇ କେବଳ ମିଥ୍ ହୋଇରହିଗଲା ।

ଜ୍ଞାନ, ତତ୍ତ୍ୱ, ଉପାଗମ କୌଣସି ଗୋଷ୍ଠୀ, ଅଞ୍ଚଳ ବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉତ୍ପାଦ କିମ୍ବା ଆବିଷ୍କାର ହୋଇପାରେ କିନ୍ତୁ ତାହା ସମଗ୍ର ମାନବଗୋଷ୍ଠୀରେ ସମାନ ଭାବରେ ବ୍ୟବହାର, ଉପଯୋଗ, ଆକଳନ, ଓ ଅନୁଶୀଳନରେ ଆସେ ଯଦି ସମ୍ପୃକ୍ତ ଗୋଷ୍ଠୀ ପାଖରେ ସେସବୁ ଉପଲବ୍ଧ ହୁଏ । ଆଉ, ଯେତେବେଳେ ଉପଲବଧ ଜ୍ଞାନର ଠିକ୍ ବ୍ୟାଖ୍ୟା ଆମର ଭାଷା ସାହିତ୍ୟର ଉଚ୍ଚଶିକ୍ଷାରେ ହୋଇ ପାରୁନାହିଁ ସେଠି କିପରି ନୂତନ ଜ୍ଞାନପାଠର ନିର୍ମାଣ ହେବ? ଆନ୍ତର୍ଜାତିକ ସ୍ତରରେ ଅନ୍ୟ ଅନେକ ବିଷୟଗତ ଆହ୍ୱାନକୁ ସାମ୍ନା କରାଯିବ? ବୁଝିବା କଷ୍ଟ ।

ଭାରତ ଭଳି ବହୁଭାଷୀ ଦେଶରେ ହିନ୍ଦୀ ଯଦିଓ ସଂଯୋଜକ ଭାଷା ତେବେ ଦକ୍ଷିଣ ଓ ଉତ୍ତର-ପୂର୍ବ ଭାରତରେ ଇଂରାଜୀକୁ ହିଁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯାଏ । ଅତଏବ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଆଦାନପ୍ରଦାନ ପାଇଁ ମାତୃଭାଷା ସହିତ ଇଂରାଜୀକୁ ବି ସମାନ ଭାବରେ ଗୁରୁତ୍ୱଦେବାକୁ ହେବ । କାରଣ, ଆମର ଏଠାରେ ଇଂରାଜୀ ଭାଷା ଶିକ୍ଷା ବି ଦୁର୍ବଳ । ଅବଶ୍ୟ ଆମର ବୁଦ୍ଧିଜୀବୀମାନେ ଇଂରାଜୀ କି ହିନ୍ଦୀକୁ ବିରୋଧ କରୁ ନାହାନ୍ତି ବୋଧହୁଏ । ସେମାନେ ମାତୃଭାଷାର ବିକାଶ କଥା କହୁଛନ୍ତି । ଆଦାନପ୍ରଦାନର ଭାଷାକୁ ଜ୍ଞାନର ଭାଷା କରିବାକୁ ଚାହୁଁଛନ୍ତି । ଜ୍ଞାନ ଲାଭ ନିମିତ୍ତ ଅନେକ ଜିଜ୍ଞାସୁ ବହୁ ବିଦେଶୀ ଭାଷା ଶିକ୍ଷା କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଇଂରେଜମାନେ ଗୋଟେ ସମୟରେ ଭାରତୀୟ ଭାଷା ଶିକ୍ଷା କରିଥିଲେ ନିଜର ଶାସନଗତ ସୁବିଧା ପାଇଁ, ତେବେ ଅନେକ ବିଦ୍ୱାନ ଭାଷାଗୁଡ଼ିକରେ ଉପଲବଧ ଜ୍ଞାନ ସମ୍ପର୍କରେ ଅବଗତ ହେବାକୁ ମଧ୍ୟ ଭାଷା ଶିକ୍ଷା କରିଥିଲେ ଓ ସେସବୁକୁ ନିଜନିଜ ଭାଷାରେ ଅନୁବାଦ କରିଥିଲେ । ଏବେ ବି ନିଜନିଜ ଆବଶ୍ୟକତାକୁ ଆଖି ଆଗରେ ରଖି ଅନେକ ବିଦେଶୀ ଗବେଷକ ଓ ଜିଜ୍ଞାସୁ ଭାରତୀୟ ଭାଷା ଶିକ୍ଷା କରୁଛନ୍ତି । ଆମର ସ୍ଥାନୀୟ ସଂସ୍କୃତି ଉପରେ ଗବେଷଣା କରୁଛନ୍ତି । ଇଂରେଜମାନେ ସେମାନଙ୍କ ଶାସନ କାର୍ଯ୍ୟରେ ସହାୟକ ହେବାକୁ କେବଳ ଇଂରାଜୀ ଶିକ୍ଷା ନୁହେଁ, ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ବି କଲେ । ଏହା ପୂର୍ବରୁ ଭାରତରେ ଆନୁଷ୍ଠାନିକ ଶିକ୍ଷା କେବଳ ଗୋଟିଏ ଗୋଷ୍ଠୀ ମଧ୍ୟରେ ସୀମିତ ଥିଲା ଓ ବହୁଗୋଷ୍ଠୀ ସେଥିରୁ ବଂଚିତ ଥିଲେ । ଇଂରେଜମାନେ ଭାରତରେ ସର୍ବସାଧାରଣଙ୍କ ପାଇଁ ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ କରିନଥିଲେ ଆଜି ଶିକ୍ଷା ବ୍ୟବସ୍ଥା କେଉଁ ସ୍ତରରେ ଥାଆନ୍ତା ତାହା ଆକଳନ କରିବା ସହଜ ନୁହେଁ ।

ଶାସକ ଓ ଶାସନର ଭାଷା ଅନେକ ସମୟରେ ପ୍ରଭାବଶାଳୀ ତଥା ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ । ଇଂରେଜମାନେ ସାମ୍ରାଜ୍ୟ ବିସ୍ତାର କରିନଥିଲେ ଇଂରାଜୀ ଭାଷା ଏତେ ବିସ୍ତାରଲାଭ କରିନଥାନ୍ତା । ଆମେ ଭାରତୀୟମାନେ ଯଦି ଏଭଳି ସାମ୍ରାଜ୍ୟ ବିସ୍ତାର କରିଥାଆନ୍ତୁ ତେବେ, ଆମର ଭାଷାଗୁଡ଼ିକ ମଧ୍ୟ ଏମିତି ବିସ୍ତାରିତ ହୋଇଥାନ୍ତା । ଆଉ, ଇଂରେଜମାନଙ୍କଦ୍ୱାରା ପ୍ରଚଳିତ ଆନୁଷ୍ଠାନିକ ଶିକ୍ଷା ଯେଉଁଠି ଇଂରାଜୀକୁ ଅନେକତଃ ଗୁରୁତ୍ୱ ଦିଆଯାଉଥିଲା, ତାହା ଆଜିଯାଏଁ ବଳବତ୍ତର ଅଛି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସେଥିରେ କାହିଁକି ପରିବର୍ତ୍ତନ ଆସିଲା ନାହିଁ ସେ ବିଷୟରେ ବୁଦ୍ଧିଜୀବୀମାନେ ବିତର୍କ କରିବା ଆବଶ୍ୟକ, ଖାଲି 'ମାକେଲେ (T. B. Macaulay)' ଆଉ ଇଂରାଜୀକୁ ଆବେଗପୂର୍ଣ୍ଣଭାବେ ଗାଳିଦେଲେ ହେବନାହିଁ ।

ଆମ ଭାରତୀୟ ପରମ୍ପରାରେ ଭୂଗୋଳ, ଇତିହାସ, ବାଣିଜ୍ୟ, ସମାଜଶାସ୍ତ୍ର, ପଦାର୍ଥ ବିଜ୍ଞାନ, ବ୍ୟାକରଣ ତଥା ଭାଷାଶାସ୍ତ୍ର, ଦର୍ଶନଶାସ୍ତ୍ର, ରସାୟନ ବିଜ୍ଞାନ, ଖଗୋଳଶାସ୍ତ୍ର, ଯାନ୍ତ୍ରିକଶାସ୍ତ୍ର, ସ୍ଥାପତ୍ୟ ଓ ଚିତ୍ରକଳା, ଆୟୁର୍ବେଦ ବା ଚିକିତ୍ସାଶାସ୍ତ୍ର ଭଳି ଆହୁରି ଅନେକ ଶାସ୍ତ୍ରର ସୁଦୃଢ଼ ପରମ୍ପରା ଥିଲା ନିଶ୍ଚୟ (Weber 1982) । କିନ୍ତୁ, ଅନେକ ଆଧୁନିକ ଅଭିଧା ଆନୁଷ୍ଠାନିକ ଶିକ୍ଷା ଭାବରେ ଇଂରାଜୀ ଶିକ୍ଷାର ପ୍ରଚଳନ 'ଳରେ ହିଁ ବିକାଶ ଲାଭ କରିଛି । ଏହା କେହି ଅସ୍ୱୀକାର କରିବେ ନାହିଁ । ଆମେ ସମସ୍ତେ ସ୍ୱୀକାର କରିବା ଯେ ଆମର ସୁଦୃଢ଼ ଚିକିତ୍ସା ଶାସ୍ତ୍ର ଥିଲେ ବି ଆମେ ଆଧୁନିକ ଭେଷଜ ବିଜ୍ଞାନଦ୍ୱାରା ହିଁ ଅଧିକ ଉପକୃତ । ଆଉ ଆମ ଭାରତୀୟ ଭାଷାରେ ସାହିତ୍ୟ, ଭାଷାତତ୍ତ୍ୱ, ପରିବେଷଣ ଅଧ୍ୟୟନ ବା ଅନ୍ୟ ବିଷୟଗତ ଯେଉଁ ଜ୍ଞାନ-ପାଠଗୁଡ଼ିକ ଥିଲା ଆନୁଷ୍ଠାନିକ ଶିକ୍ଷା ପ୍ରାସର ପରେ ଅନ୍ତତଃ ସ୍ୱାଧିନତା ପରବର୍ତ୍ତୀକାଳରେ ସେଗୁଡ଼ିକର ଅଗ୍ରଗତି କାହିଁକି ସମ୍ଭବ ହେଲାନାହିଁ ତାହା ମଧ୍ୟ ଆଲୋଚନାର ବିଷୟ । ଗୋଟେ ସମୟରେ ସଂସ୍କୃତ ଏକ ସଂଖ୍ୟାଲଘୁ ଭାଷାଭାବେ ଗୋଟେ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କଦ୍ୱାରା କଥିତ ହେଉଥିଲା ତଥା ସେହି ଭାଷାରେ ରଚିତ କାବ୍ୟ, ନାଟକ ଆଦିର ସଂଖ୍ୟା ଏତେ ନଥିଲା ଅନ୍ତତଃ ଆଜି ଭାରତୀୟ ଭାଷାଗୁଡ଼ିକରେ ଯେଭଳି ବିପୁଳ ରଚନା ଦେଖିବାକୁ ମିଳୁଛି । ସେତେବେଳେ ଏତେ ବିଶ୍ୱବିଦ୍ୟାଳୟ ନଥିଲା, ଗବେଷଣା ସଂସ୍ଥା ନଥିଲା, ଏତେ ଆନୁଷ୍ଠାନିକ ଅନୁଦାନ ନଥିଲା ତଥାପି ଶାସ୍ତ୍ର ରଚନା ହୋଇପାରିଥିଲା । ସୁସୋ (Ferdinand de Saussure) ବିଂଶ ଶତାବ୍ଦୀରେ ଯେଉଁ ସାଇନ୍ (sign), ସିଗନିଫାଏଡ୍

(signified), ସିଗନିଫାଏର (signifier) କଥା କହନ୍ତି ଅନୁରୂପ ଶବ୍ଦ-ସଂକେତ-ଅର୍ଥଗତ ଆୟାମ ଆମର ସଂସ୍କୃତ ଧ୍ୱନୀବାଦୀମାନେ ବହୁଆଗରୁ ଆଲୋଚନା କରିସାରି ଥିଲେ[୩] । ଆଜି ମଧ୍ୟ ରିଚାର୍ଡ ସେସନର (Richard Schechner) ଭଳି ଖ୍ୟାତି ସମ୍ପନ୍ନ 'ପରିବେଷଣ ଅଧ୍ୟୟନବିତ୍ ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର', ନନ୍ଦିକେଶ୍ୱରଙ୍କ 'ଅଭିନୟ ଦର୍ପଣ'କୁ 'ପରିବେଷଣ ଅଧ୍ୟୟନ (performance studies)' କ୍ଷେତ୍ରରେ ଅତୁଳନୀୟ ଗ୍ରନ୍ଥ ବୋଲି ସ୍ୱୀକାର କରନ୍ତି– 'ପରିବେଷଣର ବିସ୍ତାର ବା ଆୟତନ (magnitude of performance)', 'ରସ-ସୌନ୍ଦର୍ଯ୍ୟବୋଧ (rasaesthetics)' ଆଲୋଚନା କଲାବେଳେ ଏହି ସଂସ୍କୃତ ଶାସ୍ତ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉଲ୍ଲେଖ କରନ୍ତି । ସେହିପରି 'ଆଖ୍ୟାନତତ୍ତ୍ୱ (narratology)'ର ଅନେକ ଆୟାମ ସଂସ୍କୃତ କାବ୍ୟତତ୍ତ୍ୱରେ ବହୁପୂର୍ବରୁ ଆଲୋଚିତ ହୋଇସାରିଛି[୪] । ଏଭଳି ଅନେକ ଉଦାହରଣ ଦିଆଯାଇପାରେ । ତେବେ, ସମ୍ପ୍ରତି ଭାରତୀୟ ଭାଷାଗୁଡିକରେ ଶାସ୍ତ୍ର ବା ଜ୍ଞାନପାଠ ରଚନା ପରମ୍ପରାରେ ଯେଉଁ ଦୁର୍ଗତି ଦେଖାଦେଇଛି ତାହାର କାରଣ କ'ଣ ? କ'ଣ ଇଂରାଜୀ ଶିକ୍ଷା ? ଇଂରେଜମାନେ ଅନେକ ଦିନହେଲା ଗଲେଣି, ଆଉ ସେମାନେ ଆମ ଭାଷାରେ ଜ୍ଞାନପାଠ ବା ଶାସ୍ତ୍ର ନିର୍ମାଣ ପାଇଁ କୌଣସି ପ୍ରତିବନ୍ଧକ ଲଗାଇ ଯାଇନାହାନ୍ତି ନିଶ୍ଚୟ । ତଥାପି, ଏସବୁ ସମ୍ଭବ ହେଉନାହିଁ କାହିଁକି ?

ଏଇ ତିନି ଚାରି ଦଶନ୍ଧି ଭିତରେ ଯେଉଁଭଳି ଭାବରେ ଇଂରାଜୀ ମାଧ୍ୟମର କର୍ପୋରେଟ୍ ବିଦ୍ୟାଳୟ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ଗଢିଉଠିଛି ତାହା କୌଣସି ଇଂରେଜମାନେ କରୁନାହାନ୍ତି । ଆମର ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସ୍ଥାକାରୀମାନେ ହିଁ ସେସବୁର ସମର୍ଥକ । ବର୍ତ୍ତମାନର ସରକାରୀ ବିଦ୍ୟାଳୟ ବା ଦେଶୀ ସ୍କୁଲଗୁଡିକର ପାଠପଢା ବିଷୟରେ ସମସ୍ତେ ଜାଣନ୍ତି । ସେଭଳି ସ୍କୁଲରେ କେବଳ ଆମଭଳି ଭଳି ସାଧାରଣ ଗରିବ ଘରର ପିଲା ହିଁ ପଢନ୍ତି । ସୌଭାଗ୍ୟକ୍ରମେ ସମସ୍ତ ଅସୁବିଧା ଓ ଅବ୍ୟବସ୍ଥାକୁ ଅତିକ୍ରମକରି କେହି ଜଣେ ଭଲ ପଢିପାରୁଛି ତ ସମାଜର ମୁଖ୍ୟ ପରିସରରେ ନିଜକୁ ଉପସ୍ଥାପିତ କରିପାରୁଛି । ନହେଲେ, କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଉତ୍ପନ୍ନ ଦିଗଗଜମାନଙ୍କ ପାଖରେ ନିଜକୁ ଅପସାରିତ ମନେକରୁଛି । ଆମର ଦିଗଗଜ ଓ ବୁଦ୍ଧିଜୀବୀମାନେ ସଂଖ୍ୟାଧିକ ଗୋଷ୍ଠୀର ଆଗାମୀ ପିଢିକୁ ମୁଖ୍ୟ ପରିସରରୁ ଏପରି ଅପସାରିତ କରି ରଖିବା ପାଇଁ ଯେ ଏହି କର୍ପୋରେଟ୍ ସ୍କୁଲଗୁଡିକୁ ସମର୍ଥନ କରିଆସିଛନ୍ତି, ଓ ସରକାରୀ ବିଦ୍ୟାଳୟଗୁଡିକର ଦୁଃସ୍ଥିତିକୁ ମୁହଁମୋଡି ଦେଇଛନ୍ତି ଏହା ଅପ୍ରିୟ ହେଲେ ବି କୁହାଯାଇପାରେ । ଯେତେବେଳେ ଗୋଟିଏ ଭାଷାଗୋଷ୍ଠୀରେ ସଂଖ୍ୟାଧିକ କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟ, ଓ ବୈଷୟିକ ସଂସ୍ଥାନଗୁଡିକ ଗଢିଉଠୁଛି ତାହା ପ୍ରତି ଆମର କୌଣସି ମତ ଅଭିମତ ନାହିଁ, ଆଉ ଦେଶୀ ସଂସ୍ଥାନଗୁଡିକୁ ଉପେକ୍ଷା କରାଗଲାବେଳେ କୌଣସି ଚିନ୍ତା ପ୍ରକଟ କରାଯାଉନାହିଁ; ସେଠାରେ ସ୍ଥାନୀୟ ଭାଷାକୁ ଜ୍ଞାନର ଭାଷା କିଏ, କେମିତି, ଓ କାହାପାଇଁ କରିବାକୁ ଯାଉଛନ୍ତି ତାହା ଅବଶ୍ୟ ପ୍ରଶ୍ନର ବିଷୟ ।

ମାତୃ ଭାଷାରେ ଶିକ୍ଷାଦାନ କଥା ଉଠିଲାବେଳେ ଖାଲି ଆଦିବାସୀ ତଥା ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ କଥା ଆସିବ ନାହିଁ ରାଜ୍ୟ ଭାଷା ତଥା ଆଂଚଳିକ ଭାଷା କଥା ମଧ୍ୟ ଆସିବ । ଗୋଟିଏ ଭାଷାକୁ ସେତେବେଳେ ଜ୍ଞାନର ଭାଷା ବୋଲି ମନେକରାଯାଏ ଯେତେବେଳେ ସେହି ଭାଷାରେ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରାଯାଇଥାଏ, ଯେତେବେଳେ ସେହି ଭାଷାରେ ନୂତନ ଶାସ୍ତ୍ରର ନିର୍ମାଣ ହୁଏ, ନୂତନ ତତ୍ତ୍ୱ ଓ ଅନୁଶୀଳନର ବିକାଶ ହୁଏ, ବ୍ୟାଖ୍ୟା ହୁଏ । ତେବେ, ଭାରତ ଭଳି ବହୁ ଭାଷା ଭାଷୀ ଦେଶରେ ସ୍ଥାନୀୟ ଭାଷାରେ ଜ୍ଞାନ ଆହରଣ କଲେ ସର୍ବଭାରତୀୟ ସ୍ତରରେ ତାହାର ଆଦାନ ପ୍ରଦାନ ହେବ କିପରି ? ନିଶ୍ଚୟ ଇଂରାଜୀ ଓ ହିନ୍ଦୀରେ । ଏହି ସଂଯୋଜକ ଭାଷାରେ ଆମର ଜ୍ଞାନ କେତେ ଆମେ ସମସ୍ତେ ନିଜେ ନିଜେ ଅନୁଭବ କରୁଛେ । ଅତଏବ, ଇଂରାଜୀ ଓ ହିନ୍ଦୀ ଭାଷା ଦକ୍ଷତାକୁ କିପରି ଉପେକ୍ଷା କରାଯାଇପାରିବ ?

ଆନୁଷ୍ଠାନିକ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି କର୍ମ ସଂସ୍ଥାନ । ଭାଷା ବା ସାହିତ୍ୟର ଆନୁଷ୍ଠାନିକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଉପାର୍ଜନକ୍ଷମ କରିପାରିବା ଭଳି ଦକ୍ଷତା ରଖିବା ଦରକାର । ନହେଲେ ସେହି ଭାଷାରେ ଆନୁଷ୍ଠାନିକ ଶିକ୍ଷା ଗ୍ରହଣକରିବାକୁ କେହି ଚାହିଁବେ ନାହିଁ । ଉଦାହରଣସ୍ୱରୂପ, ଓଡ଼ିଆରେ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷାଗ୍ରହଣ କରିଥିବା ପିଲାଟି ଯଦି ଭାଷାକୁ ଆଧାରକରି କୌଣସି ନିଯୁକ୍ତି ପାଇବ ନାହିଁ ସେ କାହିଁକି ଓଡ଼ିଆରେ ଆନୁଷ୍ଠାନିକ ଉପାଧି ଅର୍ଜନ କରିବାକୁ ଚାହିଁବ ? ସରକାରୀ ସ୍ତରରେ, ପ୍ରଶାସନରେ ବି ସ୍ଥାନୀୟ ଭାଷାକୁ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ । ସମ୍ପୃକ୍ତ ଭାଷା ବ୍ୟବହାରକାରୀ ଜଣେ ଯେତେବେଳେ ଭାବିବ ଯେ ଇଂରାଜୀ ଜାଣିନି ବୋଲି ସରକାରଙ୍କୁ ଯାହା ଜଣାଇବାକୁ

ଚାହୁଁଥିଲି ତାହା ମୁଁ ପାରିଲି ନାହିଁ ସେତେବେଳେ ମାତୃଭାଷାରେ ସେ ଯେତେ ଶକ୍ତିଶାଳୀ ତଥା ଆଦାନପ୍ରଦାନ ଯୋଗ୍ୟ ମନେ କରୁଥିଲେ ବି ଶକ୍ତିହୀନ ମନେକରିବ ଓ ନିଜ ଭାଷା ପରିବେଶରେ ଆଉ ଜଣେ ଇଂରାଜୀ ଜାଣିଥିବା ବିଦ୍ୱାନଙ୍କୁ ହାତଯୋଡ଼ି ନେହୁରା ହେବ ନିଜ ମାଟିରେ, ସେଇ ବିଦ୍ୱାନଙ୍କ ଆହରିତ ଅନ୍ୟ ବିଦ୍ୱାନ ବା ସରକାରମାନଙ୍କ ଭିତରେ ଆଦାନ ପ୍ରଦାନ ହେଉଥିବା ଭାଷାରେ ଅର୍ଜିଟିଏ ଲେଖିଦେବାକୁ । ଏଠାରେ ମନେରଖିବାକୁ ହେବ ଯେ' ଗୋଟେ ଭାଷା ସେତେବେଳେ ଶକ୍ତିଶାଳୀ ହେବ ଯେତେବେଳେ ତାହା ସମ୍ପୃକ୍ତ ଭାଷାଭାଷୀଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ଅର୍ଥାତ୍ ସାମାଜିକ, ଆର୍ଥିକ, ରାଜନୀତିକ, ତଥା ନିକଟତମ ସମସ୍ତ ଇପସିତ୍ କ୍ଷେତ୍ରଗୁଡ଼ିକରେ ଆଦାନପ୍ରଦାନ କରିବାରେ ସାମର୍ଥ୍ୟ, ଶକ୍ତି, ଓ ସାହସ ପ୍ରଦାନ କରିପାରିବ ।

ସଂସ୍କୃତି, ଭାଷା ଆଦି କେବଳ ତତ୍ତ୍ୱବିତ୍ ତଥା ବିଦ୍ୱାନମାନଙ୍କ ସମ୍ପତ୍ତି ନୁହେଁ । ଗୋଟିଏ ଭାଷା ଅପସାରିତ ହୋଇଗଲେ ବା ସାମର୍ଥ୍ୟହୀନ ହେଲେ ସେ ଭାଷାର ସାଧାରଣ ନିରକ୍ଷର ଲୋକଟିଏକୁ ବି କେତେ କଷ୍ଟ ହୁଏ ମୁଁ ମୋର କ୍ଷେତ୍ର ଅଧ୍ୟୟନବେଳେ ଦେଖିଛି । ଜଣେ ତାର ଆଖ୍ୟାନ ପରିବେଷଣର ପରମ୍ପରା ମରିଯିବ ବୋଲି ଅଧଘଣ୍ଟା ଲୁହ ଗଡେଇବା (ଅର୍ଥହୀନ ବୌଦ୍ଧିକ କାନ୍ଦଣା ନୁହେଁ) ମୁଁ କୌଣସି ବିଦ୍ୱାନ କିମ୍ୱା ତତ୍ତ୍ୱବିତଙ୍କଠାରେ ଅନ୍ତତଃ ଦେଖିନାହିଁ । ସଂସ୍କୃତି ପରି ଭାଷା ବି ଗୋଟିଏ ଗୋଷ୍ଠୀର ପରିଚିତି । ଅନେକ ସମୟରେ ସମ୍ପୃକ୍ତ ଗୋଷ୍ଠୀର ସାଂସ୍କୃତିକ ଆଖ୍ୟାନର ବର୍ଣ୍ଣନା କେବଳ ସେହି ଭାଷାରେ ହିଁ ସମ୍ଭବ ହୋଇଥାଏ । ଆମ ଦେଶରେ ଅନେକ ଭାଷା ଜୀବନୀ ଶକ୍ତି ହରାଇ ସମ୍ପୃକ୍ତ ସମାଜରୁ ଅପସରି ଗଲାଣି, ଓ ଅନେକ ଅପସୃୟମାନ । ଆମର ବହୁ ଭାଷାବିତ୍, ସଂସ୍କୃତିବିତ୍ ଅଛନ୍ତି, ବହୁ ଗବେଷଣା ପ୍ରତିଷ୍ଠାନ ଅଛି, ସମସ୍ତେ କେତୋଟି ପ୍ରବନ୍ଧ ଲେଖିଦେଇ, ସମ୍ପୃକ୍ତ ଭାଷାରେ ବ୍ୟାକରଣ କିମ୍ୱା ଶବ୍ଦକୋଷଟିଏ ତିଆରି କରିଦେଇ ଭାବନ୍ତି ଯେ ଆମେ ଭାଷାକୁ ସଂରକ୍ଷଣ କରିଦେଲୁ । ଅନେକ କ୍ଷେତ୍ରରେ ସେ ବ୍ୟାକରଣ, ଶବ୍ଦକୋଷକୁ ସମ୍ପୃକ୍ତ ଭାଷାଭାଷୀ ଲୋକଙ୍କୁ ପଢିବାର ସୌଭାଗ୍ୟ ତ ଦୂରରେ ଥାଉ ଦେଖିବାର ଦୁର୍ଭାଗ୍ୟ ବି ମିଳେ ନାହିଁ । ପାଠାଗାରର ଥାକ ଭିତରେ ଉଈ-ଆକ୍ରାନ୍ତ ହୋଇ ସେଗୁଡିକ ନଷ୍ଟ ହୋଇଯିବା ଭିତରେ ସମ୍ପୃକ୍ତ ଭାଷା ଯେ ବିଲୁପ୍ତ ହୋଇଗଲାଣି ତାହା ବି ସେହି ତତ୍ତ୍ୱବିଦ୍‌ମାନଙ୍କ ଦୃଷ୍ଟିକୁ ଆସେନି । ଆସିଲେ ବି କୌଣସି 'ରକ୍ ପଡେନି । ଭାଷା ଓ ସଂସ୍କୃତିକୁ ନେଇ ଗୋଟିଏ 'ଭୌତିକ ଉତ୍ପାଦ (physical product)– ଗବେଷଣା ପୁସ୍ତକ'ଟିଏ ପ୍ରସ୍ତୁତ କରିଦେଲେ ସେସବୁର ସଂରକ୍ଷଣ ହୁଏ ନାହିଁ, ବରଂ ତାହା ପରେପରେ ଗୋଟେ ଜୀବାଶ୍ମର ରୂପ ନେଇଥାଏ ମାତ୍ର ତ, ଆମେ ବିଦ୍ୱାନମାନେ, ଗବେଷକମାନେ ଆମର କ'ଣ ସାଂସ୍କୃତିକ, ଭାଷିକ ଉତ୍ତରଦାୟିତ୍ୱ କିଛି ନାହିଁ? ଖାଲି ବିଦ୍ୱାନମାନେ ନୁହଁ, ମୁଖ୍ୟ ପରିସରରେ ଥିବା ସମସ୍ତ ସାଧାରଣଙ୍କର ଏହି ଭାଷିକ, ସାଂସ୍କୃତିକ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ । ତେବେ, ମନେରଖିବାକୁ ବି ହେବ ଯେ' ବ୍ୟବହାର, ଆବଶ୍ୟକତା, ଉପଯୋଗ ଦୃଷ୍ଟିରୁ ଭାଷା ଓ ସଂସ୍କୃତି ଆହରଣଶୀଳ, ଗ୍ରହଣଶୀଳ, ପରିବର୍ତ୍ତନଶୀଳ । ଏହା ବି ଉଲ୍ଲେଖନୀୟ ଯେ, ଏହି ଗ୍ରହଣ, ଆହରଣ, ପରିବର୍ତ୍ତନ କୌଣସି ତତ୍ତ୍ୱବିଦଙ୍କୁ ପଚାରି ହୋଇନଥାଏ ।

ଓଡ଼ିଶାର ସରକାରୀ ଭାଷା ଓଡ଼ିଆ । ତେବେ, ଓଡ଼ିଶାରେ ଆହୁରି ଅନେକ ଆଦିବାସୀ, ଅଣ-ଆଦିବାସୀ ଭାଷା ବି ଅଛି । ସେହି ଭାଷାଗୁଡିକୁ କେହିକେହି ଭାଷାବିତ୍ ଭାଷା ଭାବରେ ଗଣନା କରି ନ ପାରନ୍ତି । ତେବେ, ଗୋଟିଏ ଗୋଷ୍ଠୀ ତାର ଭାଷା ଓ ସଂସ୍କୃତି ଯେ କ'ଣ ସେସମ୍ପର୍କରେ କୌଣସି ଭାଷାବିତ୍ ଓ ସଂସ୍କୃତିବିତ୍‌ଙ୍କ ଠାରୁ ପ୍ରମାଣପତ୍ର ନେବାର ଆବଶ୍ୟକତା ନାହିଁ । ସ୍ଥାନୀୟ ଗୋଷ୍ଠୀ ସଂରଚନାରେ ସମ୍ପୃକ୍ତ ଗୋଷ୍ଠୀଗୁଡିକର ଉପସ୍ଥିତି ଉପେକ୍ଷିତ ଏଣୁ ସେମାନଙ୍କର ଭାଷାଗୁଡିକ ବି ଉପେକ୍ଷିତ ଏହା କେବେବି ଅସ୍ୱୀକାର କରାଯାଇନପାରେ । ଆମେ ଯେତେବେଳେ ନିଜ ଗୋଷ୍ଠୀର କଥିତ ଭାଷାକୁ ଆମର ପରିଚିତି ଭାବରେ ଚର୍ଚ୍ଚା କରୁ ଆମର ସମାନ ଭୌଗୋଳିକ ପରିସରରେ ସହାବସ୍ଥିତ ଅନ୍ୟ ଗୋଷ୍ଠୀର ଭାଷାକୁ ବି ସେହି ପରିଚିତଗତ ସ୍ତରକୁ ଆଣି ବିଚାର କରିବା ହେଉଛି ଏକ ଗଣତାନ୍ତ୍ରିକ ଅବବୋଧ– ଯାହା ହେଉନାହିଁ ଓ ତା'ପାଇଁ ଆମ ପାଖରେ ଅନେକ ବୌଦ୍ଧିକ, ବୈଷୟିକ ଯୁକ୍ତି ଅଛି ।

ମାତୃଭାଷାରେ ଶିକ୍ଷାଦାନ କଥା କହିଲାବେଳେ ଏ ସମସ୍ତ ଭାଷା ଗୁରୁତ୍ୱପୂର୍ଣ୍ଣ । ଜଣେ ଆଦିବାସୀ ଛାତ୍ରର ଶିକ୍ଷାଗ୍ରହଣ ବିଷୟ ଏଠାରେ ଉଦାହରଣ ସ୍ୱରୂପ ଆଲୋଚନା କରାଯାଇପାରେ । ମାତୃଭାଷାରେ ଶିକ୍ଷାଦାନ କଲେ ତାର ବୌଦ୍ଧିକ ଓ ମାନସିକ ବିକାଶ ହେବ, ଭଲକଥା । ତା'ର ପ୍ରାଥମିକ ଶିକ୍ଷା ତା'ର ଭାଷାରେ ହିଁ ହେଉ । ତା'ପରେ ସେ ସ୍ଥାନୀୟ ରାଜ୍ୟ ଭାଷା ଶିଖିବ । ତା'ପରେ ହିନ୍ଦୀ ଓ ଇଂରାଜୀ ଶିଖିବ, ତା'ର ସାମଗ୍ରିକ ଅଦ୍ୱିତୀୟ ବିକାଶ ହେବ । କୌଣସି ସନ୍ଦେହ ନାହିଁ । ଏବେ, ଏହାର ଅନ୍ୟଦିଗଟିକୁ

ଦେଖାଯାଉ । ଯେଉଁ ଛାତ୍ର ପ୍ରତିଷ୍ଠିତ ଇଂରାଜୀ ମ୍ମମ ବିଦ୍ୟାଳୟ, ମହାବିଦ୍ୟାଳୟରେ ପାଠ ପଢୁଛି, ଓ ସମଗ୍ର ଶିକ୍ଷାକାଳରେ ଆଦୌ ସ୍ଥାନୀୟ ବା ମାତୃଭାଷା ପଢୁନାହିଁ ତା'ର ସାମଗ୍ରିକ ବିକାଶ ହେଉଛି ନା ନାହିଁ ? ଆମର ବହୁ ବିଦ୍ୱାନ, ଶିକ୍ଷାବିତ୍, ଭାଷାବିତ୍ କର୍ମସଂସ୍ଥାନ ପାଇଁ ନିଜ ମାତୃଭାଷା କ୍ଷେତ୍ର ବାହାରକୁ ଯାଇଛନ୍ତି, ବିଦେଶରେ ବି ରହିଛନ୍ତି, ରହୁଛନ୍ତି; ସେମାନେ ତାଙ୍କ ପୁଅଝିଅଙ୍କୁ କ'ଣ ତାଙ୍କ ଗାଁରେ ରଖି ପଢାଉ ଥିଲେ, ନା ପଢାଉଛନ୍ତି ? ଯଦି ନୁହେଁ ତାହେଲେ ଆଦିବାସୀ ତଥା ସୀମାନ୍ତରିତ ଭାଷା ଗୋଷ୍ଠୀର ଲୋକଙ୍କ ପାଇଁ ଏ ମାତୃଭାଷା ତତ୍ତ୍ୱଟି କ'ଣ ପାଇଁ ? ମାତୃଭାଷା ତତ୍ତ୍ୱଟି ଏଇଥିପାଇଁ ଯେ, ସେ ବିଦ୍ୱାନମାନଙ୍କ ପିଲାମାନେ ମାତୃଭାଷା କ୍ଷେତ୍ର ବାହାରେ ପଢିଲେ ବି ସେମାନଙ୍କୁ ସେମାନଙ୍କ ପରିବେଶ, ପରିବାର ଶିକ୍ଷକ ଓ ତାଙ୍କ ଭିତରେ ଏକ ବୋଧଗମ୍ୟ ସଂଯୋଜକ ଭାଷାର ଅଧିକାରୀ ହେବାର ସୁଯୋଗ ସୃଷ୍ଟିକରିଥାଏ । କିନ୍ତୁ, ଉପାନ୍ତ ତଥା ଆଦିବାସୀ ଭାଷାର ଛାତ୍ରଛାତ୍ରୀ ଓ ସେମାନଙ୍କ ଶିକ୍ଷକଙ୍କ ମଧ୍ୟରେ ଅନେକତଃ ଆଦାନପ୍ରଦାନ ଅତ୍ୟନ୍ତ ଦୁର୍ବଳ ହୋଇଥାଏ ଯେତେବେଳେ ଶିକ୍ଷକ ଜଣକ ଅନ୍ୟ ଭାଷା ଗୋଷ୍ଠୀରୁ ଆସିଥାନ୍ତି । ଆଉ, ଏହାକୁ ଏସବୁ କ୍ଷେତ୍ରରେ ଆନୁଷ୍ଠାନିକ ଶିକ୍ଷା ସଫଳ ନହେବାର ଅନ୍ୟତମ କାରଣ ବୋଲି କୁହାଯାଇପାରେ । ଏଭଳି ବାଧକତା ଓ ବିଫଳତାର ଅନୁଶୀଳନର ନିଷ୍କର୍ଷ ହେଉଛି ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ଅବଧାରଣା । ତେବେ, ଏ ଅବଧାରଣା ଆଜିର ନୁହେଁ, ସମ୍ବିଧାନର ସପ୍ତମ ସଂଶୋଧନ (୧୯୫୬) 'ଅଧିନିୟମ ୩୫୦-କ (Article 350 A)'ରେ ଏହାର ଉଲ୍ଲେଖ ଦେଖିବାକୁ ମିଳେ –"Facilities for instruction in mother tongue at primary stage. It shall be the endeavour of every State and of every local authority within the State to provide adequate facilities for instruction in the mother tongue at the primary stage of education to children belonging to linguistic minority groups..." । ତଥାପି ଓଡ଼ିଶା କାହିଁକି ସର୍ବଭାରତୀୟ ସ୍ତରରେ ଆମର ପ୍ରାଥମିକ ଶିକ୍ଷା ତଥା ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଶିକ୍ଷାର ସ୍ଥିତି ଉଦ୍‌ବେଗ ଜନକ, ଉପାନ୍ତ ତଥା ଆଦିବାସୀ ଭାଷାଭାଷୀ ଅ*ଳରେ ଏ ସ୍ଥିତି ଖୁବ୍ ଦୟନୀୟ[୫] ।

କିଛି ଦଶନ୍ଧି ତଳେ ଏଇ କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମହାବିଦ୍ୟାଳୟ ନଥିଲା ଆଉ ସେତେବେଳେ ସମସ୍ତେ ସ୍ଥାନୀୟ ଭାଷାଭାଷୀ ଛାତ୍ର (ଆଦିବାସୀ ଭାଷାଭାଷୀଙ୍କୁ ଛାଡ଼ିଦେଲେ) ମାତୃଭାଷାରେ ବା ସ୍ଥାନୀୟ ଭାଷା ମାଧ୍ୟମରେ ହିଁ ଶିକ୍ଷା ଗ୍ରହଣ କରୁଥିଲେ । ଏବେ ବି ସରକାରୀ ବିଦ୍ୟାଳୟଗୁଡିକରେ ସେଇ ପରମ୍ପରା ହିଁ ଅଛି । ଆମର ଅନେକ ସ୍ଥାନୀୟ ବିଦ୍ୱାନ ଓ ବୁଦ୍ଧିଜୀବୀ ଏହି ବିଦ୍ୟାଳୟଗୁଡିକରୁ ହିଁ ଆସିଛନ୍ତି । ସମ୍ପ୍ରତି ଏହି ସରକାରୀ ବିଦ୍ୟାଳୟଗୁଡିକର ନିରାଶାଜନକ ପ୍ରଦର୍ଶନର କାରଣ ଆମେ ନଜାଣିଲେ ବି ଆମର ଏଇ ବୁଦ୍ଧିଜୀବୀମାନେ ଯେ ଜାଣନ୍ତି ନାହିଁ ସେକଥା ନୁହେଁ । ଏସବୁ ଦିଗ ଉପରେ କିନ୍ତୁ ସେମାନଙ୍କର ଚର୍ଚ୍ଚା ସୀମିତ । ଯେତେବେଳେ, ସର୍ବଭାରତୀୟ ସ୍ତରରେ ଉପଲବ୍ଧ ବିଦ୍ୟାଳୟ, ଯାହାକୁ ଦେଶୀ କହି ଆମେମାନେ ଉପେକ୍ଷା କରୁଛୁ, ଯେଉଁଠି ମାତୃଭାଷାରେ ହିଁ ପ୍ରାଥମିକ ଶିକ୍ଷା ଦିଆଯାଉଛି, ସେଇଠି ପ୍ରଦର୍ଶନ ନୈରାଶ୍ୟଜନକ । ଅତଏବ, ଉପାନ୍ତ ଆଦିବାସୀ ଅ*ଳରେ ସମ୍ପୃକ୍ତ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କୁ ପ୍ରାଥମିକ ଶିକ୍ଷା ତାଙ୍କ ଆଦାନପ୍ରଦାନ ଯୋଗ୍ୟ ଭାଷାରେ ବା ତାଙ୍କ ମାତୃଭାଷାରେ ପ୍ରଦାନକଲେ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନ ଯେ ଆଶାନୁରୂପ ହେବ ଏହା କାହିଁକି ଆମର ପୂର୍ବ ଅନୁଭୂତିକୁ ଦେଖିଲେ ବୁଝିହେଉନାହିଁ । ସେଥିପାଇଁ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ପ୍ରସଙ୍ଗରେ ୬ ଜାନୁୟାରୀ ୨୦୧୪ ତାରିଖରେ, "...no direct bearing and impact on the determination of standards of education, and will affect the fundamental rights under Articles 19(1) (a) and 19(1) (g) of the Constitution" କହି ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକ ଶିକ୍ଷାଗ୍ରହଣ ପାଇଁ ମୁକ୍ତଭାବେ ଭାଷା ଚୟନ କରିପାରିବେ ବୋଲି ରାୟଦେଲେ । ସେହିପରି, ମାତୃଭାଷାରେ ଶିକ୍ଷାଦାନର କେତୋଟି ବାଧକଦିଗ ବି ଏଠାରେ ଅଣଦେଖା କରାଯାଇନପାରେ । ମାତୃଭାଷାଟିର ଯଦି ଲିଖିତ ପରମ୍ପରା ନଥାଏ, ସେହି ଭାଷାରେ ଯଥେଷ୍ଟ ଉତ୍କୃଷ୍ଟ ଶିକ୍ଷଣ ଉପାଦାନ ଉପଲବ୍ଧ ନାହିଁ, ଯଦି ପ୍ରଶିକ୍ଷିତ ଶିକ୍ଷକ ନାହାନ୍ତି (ଟଘରଝଉଙ ୨୦୦୩, ୧୫-୧୬) ତେବେ ଏହା ସଫଳ ହେବନାହିଁ । ତେବେ, ଏସବୁ ଉପଲବ୍ଧ କରାଇବା ଓ ସମ୍ଭାବ୍ୟ ଶିକ୍ଷା ପରିସର ସୃଷ୍ଟିକରିବା ପାଇଁ ଆବଶ୍ୟକ ପଦକ୍ଷେପ ଯେ ନିଆଯାଇନପାରେ ତାହା ବି ନୁହେଁ । ଆଉ ପୁଣିଥରେ ଏହା କୁହାଯାଇପାରେ ଯେ, ଯେତେବେଳେ ରାଜ୍ୟର ପ୍ରମୁଖ ଭାଷାଗୁଡିକରେ ଏସବୁ ଉପଲବ୍ଧ ନୁହେଁ ତ ସେତେବେଳେ ଆଦିବାସୀ ଓ ସଂଖ୍ୟାଲଘୁ ଭାଷା କଥା ଉଠୁଛି କୁଆଡୁ ?

ସମସ୍ତ ତତ୍ତ୍ୱ, ଉପାଗମ ସବୁବେଳେ ସାର୍ବଜନୀନ । ଏହାର 'ପ୍ରକାର୍ଯ୍ୟ (function)' ସମଗ୍ର ଅନୁରୂପ କ୍ଷେତ୍ରଗୁଡିକରେ ସମାନ, ଏହା ଗୋଟିଏ ଗୋଷ୍ଠୀର ଅନ୍ୟ ଗୋଷ୍ଠୀ ପାଇଁ କଦାପି ଉପଦେଶ

କି ଅପଦେଶ ନୁହଁ । ଜଣେ ଛାତ୍ର ମାତୃଭାଷା ତଥା ସ୍ଥାନୀୟ ଭାଷାରେ କିଛି ବର୍ଷ ଶିକ୍ଷାଗ୍ରହଣ କରି ପରବର୍ତ୍ତୀକାଳରେ ଇଂରାଜୀ ଶିଖି ବା ସ୍ଥାନୀୟ ଭାଷାରେ ସମସ୍ତ ବିଷୟରେ ଶିକ୍ଷାଗ୍ରହଣ କରି କର୍ପୋରେଟ୍ ଇଂରାଜୀ ବିଦ୍ୟାଳୟରୁ ପଢିଥିବା ଅନ୍ୟ ପ୍ରତିଯୋଗୀ ପାଖରେ ସେ ନିଜର କିଭଳି ସାମର୍ଥ୍ୟ ପ୍ରକାଶ କରିବ, ଶକ୍ତି ପ୍ରଦର୍ଶନ କରିବ ତାହା ସହଜରେ ଅନୁମେୟ । ଆଉ, ଆମର ତତ୍ତ୍ୱବିଦମାନେ ସ୍ଥାନୀୟ ଭାଷାକୁ ଜ୍ଞାନପାଠରେ ପରିପୂର୍ଣ୍ଣ କରିପକେଇବା କଥା କହୁଛନ୍ତି, ସମସ୍ତ ଆନୁଷ୍ଠାନିକ ଶିକ୍ଷାର ବିଷୟଗତ ପଠନ-ପାଠନ ସ୍ଥାନୀୟ ଭାଷାରେ ହେବାକୁ ଗୁରୁତ୍ୱଦେଉଛନ୍ତି, କିନ୍ତୁ କର୍ମସଂସ୍ଥାନ କଥା କହୁନାହାନ୍ତି । କର୍ମସଂସ୍ଥାନର ସମସ୍ତ ଚୟନ ରାଜ୍ୟ କିମ୍ବା ଜାତୀୟସ୍ତରରେ ନହୋଇ ମାତୃଭାଷା ସ୍ତରରେ ହିଁ ହେବା ଦରକାର, ତଥା ପ୍ରଶ୍ନଗୁଡିକ କେବଳ ମାତୃଭାଷାରେ ଉପଲବ୍ଧ ଜ୍ଞାନପାଠରୁ ହିଁ ଆସିବା ଦରକାର (ଯଦିଓ ଏଭଳି ହେବା ବି କେବେ ସମ୍ଭବ ନୁହେଁ) ସେକଥା କହୁନାହାନ୍ତି । ତେବେ, କ'ଣ ବିଦ୍ୱାନ ଓ ତତ୍ତ୍ୱବିଦମାନଙ୍କ ପିଲାମାନେ ହିଁ କର୍ମକ୍ଷେତ୍ରକୁ ଆସିବେ, ଅନ୍ୟମାନେ ଏହି ବିଦ୍ୱାନମାନଙ୍କ ଦୁର୍ବୁଦ୍ଧିରେ କେବଳ ସେଇ ହାତଗଣତି ବିଦ୍ୱାନ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରିଥିବା ଜ୍ଞାନପାଠ ପଢି ନିଜ ଜୀବନକୁ ଉତ୍ସର୍ଗ କରିବେ ? ପ୍ରକୃତ କଥା ହେଲା, ଭାରତୀୟ ଶିକ୍ଷା ଅନୁଷ୍ଠାନଗୁଡିକର ମାନ ଆକଳନ କରିବାକୁଗଲେ ପ୍ରାଥମିକ ଶିକ୍ଷାରୁ ଉଚ୍ଚଶିକ୍ଷା ଯାଏଁ ସବୁଠି ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡେ । ଶିକ୍ଷକର ଅଭାବ ସହିତ ଉପଲବ୍ଧ ଶିକ୍ଷକଙ୍କ 'ଶିକ୍ଷାଶାସ୍ତ୍ର (pedagogy)' ଆଧାରିତ ପ୍ରଶିକ୍ଷଣର ଅଭାବ ଆଦିକୁ ବି ପ୍ରତ୍ୟାଖ୍ୟାନ କରାଯାଇନପାରେ । ଅନେକ ବିଷୟରେ ସମାଜ, ସମୟ ଓ ବିଷୟ ଉପଯୋଗୀ 'ସଂରଚନାଗତ ପାଠ୍ୟକ୍ରମ (structured syllabus)', ବିଷୟଗତ ସାମ୍ପ୍ରତିକ ଜ୍ଞାନପାଠ, ସତ୍ୟଶୀଳ ଗଭୀର ଅନୁଶୀଳନ ଓ ଗବେଷଣାର ଯେଉଁ ଅଭାବ ଦେଖାଯାଏ, ସେସବୁ ଉପରେ ପ୍ରକୃତରେ ଚର୍ଚ୍ଚା କରାଯିବା କଥା ଯାହାକୁ ଜାଣିଶୁଣି ଉପେକ୍ଷା କରାଯାଉଛି । ଆମର ଆନୁଷ୍ଠାନିକ ଶିକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ, ଉତ୍ସର୍ଗୀକୃତ ଗୁଣାତ୍ମକ ଶିକ୍ଷା, ଓ ଗୁରୁତ୍ୱପୂର୍ଣ୍ଣ ଗବେଷଣାର ଯେଉଁ ଆବଶ୍ୟକତା ଅଛି ସେସବୁକୁ ବି ଗୁରୁତ୍ୱ ଦିଆଯାଉନାହିଁ । ପ୍ରାଥମିକ ଶିକ୍ଷକଙ୍କଠୁ ଉଚ୍ଚଶିକ୍ଷାର ଶିକ୍ଷକମାନଙ୍କୁ ନିୟମିତ ବ୍ୟବଧାନରେ ଶିକ୍ଷାଶାସ୍ତ୍ର ଆଧାରିତ ଯେଉଁ ପ୍ରଶିକ୍ଷଣ ଦିଆଯିବା ଦରକାର ତାହା କରାଯାଉନାହିଁ । ବର୍ତ୍ତମାନ ସମୟରେ ଯେ ଏମାନଙ୍କୁ ଏଭଳି ପ୍ରଶିକ୍ଷଣ ଦିଆଯାଉ ନାହିଁ ସେକଥା ବି ନୁହେଁ, ଦିଆଯାଉଛି । ତେବେ, ଏସବୁ ମାନକ ସ୍ତରରେ ହେଉନାହିଁ । ଏହା ସହିତ ଭିତ୍ତିଭୂମି ଓ ଅନ୍ୟ ଅନେକ ଅଭାବରେ ଭରିରହିଛି ଆମର ଶିକ୍ଷା ବ୍ୟବସ୍ଥା । ଏସବୁ ସର୍ବଭାରତୀୟ ସ୍ତରର ମୁଖ୍ୟ ପରିସରର ପ୍ରଶ୍ନ । ଉପାନ୍ତ ଅଂଚଳର ଶିକ୍ଷାନୁଷ୍ଠାନ ଗୁଡିକର ଅଧୋଗତି କଥା ତ ଉଲ୍ଲେଖ କରିବା କଥା ହିଁ ନୁହଁ ।

ଯେଉଁ ବିଦ୍ୱାନମାନେ ଓଡ଼ିଆ ବା ଏ ଦେଶର ସ୍ଥାନୀୟ ଭାଷାଗୁଡ଼ିକ ବିଦେଶୀ ବା ଅନ୍ୟ ଭାଷାର ଆକ୍ରମଣରେ ସଂକଟାପନ୍ନ ବୋଲି କହୁଛନ୍ତି ସେମାନେ ଜାଣନ୍ତି ଯେ, ଗୋଟିଏ ଭାଷାରେ ପଠନ-ପାଠନ, ଜ୍ଞାନ ପାଠ ବା ଶାସ୍ତ୍ରର ନିର୍ମାଣ, ସାହିତ୍ୟ ରଚନା ସେ ଭାଷାକୁ ଆୟୁଷ୍ମାନ କରି ରଖିବ ତାହା ସତ୍ୟ ନୁହେଁ । ସେଭଳି ହୋଇଥିଲେ ସଂସ୍କୃତ ଭଳି ସମୃଦ୍ଧ ଓ ଶକ୍ତିଶାଳୀ ଭାଷାର ଆଜି ଏ ଅବସ୍ଥା ହୋଇ ନଥାନ୍ତା । ଭାଷା ବଂଚେ ଆଦାନପ୍ରଦାନରେ, ସମ୍ପୃକ୍ତ ଗୋଷ୍ଠୀ ଓ ସମସ୍ତ ସହାବସ୍ଥିତ ଗୋଷ୍ଠୀ ସଦସ୍ୟଙ୍କ ନିତ୍ୟ ପରିବେଷଣରେ । ସେହିପରି, ଗୋଟିଏ ଭାଷାର ଭୌଗୋଳିକ ବିସ୍ତାର ସେତେବେଳେ ପ୍ରସାରିତ ହୁଏ ଯେତେବେଳେ ଭିନ୍ନ ଏକ ଭୌଗୋଳିକ ଓ ଭାଷା ଗୋଷ୍ଠୀର ସଦସ୍ୟ ମଧ୍ୟ ସେମାନଙ୍କର ଆବଶ୍ୟକତାକୁ ଆଖିରେ ରଖି ତା'ର ଶିକ୍ଷା ଓ ପରିବେଷଣ କରନ୍ତି । ବେଳେବେଳେ ବିଭିନ୍ନ କାରଣରୁ ବହୁ ସମୃଦ୍ଧ ଭାଷା ବି ସମ୍ପୃକ୍ତ ଗୋଷ୍ଠୀ ସଦସ୍ୟଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଆଦାନପ୍ରଦାନର ଯୋଗ୍ୟତା ହରାଇଥାଏ– ଯେମିତି ସଂସ୍କୃତ, ଓ ମରିଯାଏ (ଅନ୍ତତଃ ଭାଷାବିଜ୍ଞାନର ବିଦ୍ୱାନମାନଙ୍କ ଦୃଷ୍ଟିରୁ ଏଭଳି କୁହାଯାଇପାରେ, ନହେଲେ ଲୋକତତ୍ତ୍ୱ ଅନୁସାରେ ଅପସାରିତ ହୋଇଯାଏ) । ଓଡ଼ିଶାର ୯୭ ପ୍ରତିଶତ ଲୋକ କେବଳ ଓଡ଼ିଆରେ ହିଁ ଆଦାନପ୍ରଦାନ କରନ୍ତି ବାକି ୩ ପ୍ରତିଶତ ଲୋକ ଓଡ଼ିଆ ସହିତ ଇଂରାଜୀ, ହିନ୍ଦୀ ତଥା ଅନ୍ୟ ଆହରିତ ଭାଷା ଆବଶ୍ୟକତା ଓ କ୍ଷେତ୍ର ଅନୁଯାୟୀ ବ୍ୟବହାର କରିଥାନ୍ତି । ଏହି ତିନି ପ୍ରତିଶତଙ୍କ ଭିତରୁ କେତେକ ବିଦ୍ୱାନ, ଭାଷାବିତ୍, ଶିକ୍ଷାବିତ୍ ଯେଉଁମାନେ କି ଅଧିକତଃ ଇଂରାଜୀ ବହି ହିଁ ପଢନ୍ତି, ଅଧିକାଂଶ ଲେଖାଲେଖି ଇଂରାଜୀରେ ହିଁ କରନ୍ତି । ନିଜର ପୁଅ-ଝିଅ ଓ ସମସ୍ତ ଉତ୍ତର ପିଢିଙ୍କୁ ଇଂରାଜୀ ମାଧ୍ୟମରେ ପଢାଇ ଦେଶବିଦେଶରେ ପ୍ରତିଷ୍ଠିତ କରିବାକୁ ଚାହାନ୍ତି ବା କରିସାରିଛନ୍ତି । ଅନ୍ୟ ଅର୍ଥରେ ସେମାନେ ଓ ସେମାନଙ୍କ ନିକଟ ସମ୍ପର୍କୀୟମାନେ ଦୈନନ୍ଦିନର ଆଦାନପ୍ରଦାନରେ ଆବଶ୍ୟକତା ଅନୁସାରେ ମାତୃଭାଷାକୁ ନିଜଠାରୁ ଅପସାରିତ କରିସାରିଛନ୍ତି, ସେମାନେ କହୁଛନ୍ତି ଓଡ଼ିଆ ଭାଷା-ସଙ୍କଟର କଥା, ଓଡ଼ିଆ ଭାଷାରେ

ଜ୍ଞାନପାଠର କଥା । ଏଠାରେ ମୁଁ ଏଇ ବିଦ୍ୱାନମାନଙ୍କୁ ଉଦ୍ଦେଶ୍ୟମୂଳକ କି ଏକ ପୂର୍ବାଗ୍ରହରେ ଆଲୋଚନା କରୁନି, ବରଂ ଆମର ସାମାଜିକ, ସାଂସ୍କୃତିକ, ଓ ଭାଷିକ ଅଙ୍ଗୀକାରବଦ୍ଧତା କଥା କହୁଛି, ଦେଶ ପାଇଁ ଆମର ଶୈକ୍ଷିକ ପ୍ରତିବଦ୍ଧତାର କଥା କହୁଛି ।

ସ୍ଥାନୀୟ ଭାଷାରେ ଜ୍ଞାନପାଠର ବିକାଶ ପାଇଁ ପ୍ରୟାସ ଆମର ପରିଚିତି ଓ ସାମର୍ଥ୍ୟକୁ ପ୍ରତିଷ୍ଠିତ କରିବ ଏଥିରେ କୌଣସି ସନ୍ଦେହ ନାହିଁ । ଏଥିପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ । ତେବେ, ଏହା କେବଳ ସଭା, ସ୍ଲୋଗାନ, ଓ ଦଶମିନିଟିଆ ତାଳିକାମ୍ୟ ବକ୍ତବ୍ୟ ପ୍ରଦାନରେ ହେବନାହିଁ । ଆମକୁ ବିଶ୍ୱସ୍ତରରେ ଉପଲବ୍ଧ ଜ୍ଞାନର ସଫଳ ଅନୁଶୀଳନ ସହ ସ୍ଥାନୀୟ ଉପାଦାନ, କ୍ଷେତ୍ର, ଓ ସାମାଜିକ-ସାଂସ୍କୃତିକ ଆବଶ୍ୟକତାକୁ ଅଧ୍ୟୟନକରି ନୂତନ ଜ୍ଞାନପାଠର ନିର୍ମାଣ ମଧ୍ୟ କରିବାକୁ ହେବ । ତେବେ, ଏସବୁ କରିବ କିଏ ? ସେଇ ବିଦ୍ୱାନମାନେ ଯେଉଁମାନେ ସମଗ୍ର ଜୀବନର ବିଦ୍ୱତା ଭିତରେ, ଭାଷା ଓ ସଂସ୍କୃତି ଗବେଷଣାରେ କୌଣସି ବିଶ୍ୱସ୍ତରୀୟ ଉପଲବ୍ଧି ଦେଇପାରିଲେ ନାହିଁ, କୌଣସି ନୂତନ ଜ୍ଞାନ ପାଠ ନିର୍ମାଣ କରିପାରିଲେ ନାହିଁ; ସେମାନେ କାହାକୁ କିଭଳି ମାର୍ଗଦର୍ଶନ କରିବେ ବୁଝି ହେଉନାହିଁ । ଆଉ ଯଦି ବି ଆମ ଗବେଷଣାରେ ସେଭଳି ଉପଲବ୍ଧି ଆସିଲା, ନୂତନ ଜ୍ଞାନପାଠ ନିର୍ମାଣ ହେଲା ତେବେ, ପୁଣିଥରେ – ସମଗ୍ର ଭାରତୀୟ ଭାଷା ପରିବେଶ ବା ପରିବାରରେ ପରସ୍ପର ମଧ୍ୟରେ, ତଥା ଆନ୍ତର୍ଜାତିକ ସ୍ତରରେ ଆମର ନୂତନ ଜ୍ଞାନପାଠର ଆକଳନ, ଆହ୍ୱାନ, ଓ ଆଦାନପ୍ରଦାନ ପାଇଁ ଇଂରାଜୀ ଯେ ଏକ ସଂଯୋଜକ ଭାଷା ଏହା ଆମକୁ ମାନିବାକୁ ପଡିବ; ଯେଉଁଠି ଆମର ଶକ୍ତି, ସାମର୍ଥ୍ୟ ଓ ଜ୍ଞାନର ଆନ୍ତର୍ଜାତିକ ଆକଳନ ସହିତ ବିଷୟଗତ ଉପଯୁକ୍ତ ମୂଲ୍ୟାୟନ ବି ହୋଇପାରିବ । ଆଉ "...ସବ୍ ଜାନତାମାନଙ୍କ ଦୌରାତ୍ମ୍ୟରୁ ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ହେବ" (ମହାପାତ୍ର ୧୯୯୭ ମୁଖବନ୍ଧ) ।

୧. ସ୍ଥାନୀୟ ଭାଷାକୁ ବିଦ୍ୱାନମାନେ ଉପେକ୍ଷା କରିବାର ଇତିହାସ ନୂତନ ନୁହେଁ । କେବଳ ଇଂରେଜମାନେ ଭାରତୀୟ କିମ୍ବା ତାଙ୍କ ଉପନିବେଶଗୁଡ଼ିକରେ ପ୍ରଚଳିତ ଭାଷାକୁ ଉପେକ୍ଷା କରୁନଥିଲେ ବରଂ ଭାରତୀୟ ବିଦ୍ୱାନମାନେ ମଧ୍ୟ ସ୍ଥାନୀୟ ଭାଷାକୁ ବିଭାଷା, ଜାତି-ଭାଷା, ବୋଲି, ଉପଭାଷା ଆଦି କହି ଉପେକ୍ଷା କରିଛନ୍ତି ବା କରି ଆସୁଛନ୍ତି ।

୨. ୧୯୫୩ ମସିହାରେ ଟଘରଝଉଙ ମୌଳିକ ଶିକ୍ଷା ଉପରେ The Use of Vernacular Languages in Education ଶୀର୍ଷକରେ ଏକ ମନୋଗ୍ରାଫ୍ ପ୍ରସ୍ତୁତ କଲା । ଯେଉଁଠି ଭର୍ଣ୍ଣାକୁଲାର ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ପ୍ରଦାନ କରାଗଲା । ଏହା ପୂର୍ବରୁ ପ୍ୟାରିସରେ ୧୯୫୧ ମସିହାରେ ନଭେମ୍ବର ୧୫ରୁ ଡିସେମ୍ବର ୫ ମଧ୍ୟରେ ଆୟୋଜିତ ଏକ ସମ୍ମିଳନୀରେ ଏହା ଉପେ ବିଶଦ ଭାବରେ ଆଲୋଚନା କରାଯାଇଥିଲା– "...to undertake an overall study of the question(of preserving and developing the languages of the indigenous peoples of the non-self-governing territories) more particularly the measures which might be taken with a view to the speediest use of indigenous languages as vehicles of instruction in schools, taking into consideration the desires of the inhabitants and taking account in such a study of the desires of the inhabitants and taking account in such a study of the experience of the other states in this matter" (UNESCO 1953, 144).

3. Sign, Signified, Signifier ଅନୁରୂପ ରପ ଶବ୍ଦ-ସଙ୍କେତ-ଅର୍ଥଗତ ଆୟାମ ଭାରତୀୟ ସ୍ଫୋଟବାଦରେ ଆଲୋଚିତ ହେବା ଦେଖିବାକୁ ମିଳେ । ପତଞ୍ଜଳି, ଭର୍ତୃହରି, କୁମାରିଲ ଭଟ୍ଟ ଆଦି ଏହି ସ୍ଫୋଟବାଦର ବ୍ୟାଖ୍ୟାକାର ((Kapoor 2005, and Bhattacharya 1962) ö

4. Narratology ବା ଆଖ୍ୟାନତତ୍ତ୍ୱରେ ଆଲୋଚିତ ହେଉଥିବା structure of narrative, representation of speech and the stylistics of narrative, focalization, implied author, implied reader, point of view ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭୋଜଙ୍କ ଶୃଙ୍ଗାରପ୍ରକାଶ, c¹...u ଶବ୍ଦ ବ୍ୟାପାର ପରିଚୟ, ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ, ରୁୟାକ୍କଙ୍କ ଚନ୍ଦ୍ରାଲୋକ ଗ୍ରନ୍ଥରେ ଆଲୋଚିତ ହେବା ଦେଖାଯାଏ (Dey 1960)d

୫. ଭାରତର ଦୟନୀୟ ଶିକ୍ଷା ସ୍ଥିତି ଉପରେ World Development Report 2018: 'Learning to Realise Education's Promise-ଦ୍ରଷ୍ଟବ୍ୟ– "In rural India, just under three-quarters of students in

grade 3 could not solve a two-digit subtraction such as 46 – 17, and by grade 5 half could still not do so" (P.3). "...in 2016, only half of grade 5 students could fluently read text at the level of the grade 2 curriculum, which included sentences (in the local language) such as "It was the month of rains" and "There were black clouds in the sky." These severe shortfalls constitute a learning crisis" (P.5).

**ସହାୟକ ଗ୍ରନ୍ଥସୂଚୀ :**


ମହାପାତ୍ର, ବିଜୟ ପ୍ରସାଦ । ମାତୃଭାଷା ଓଡ଼ିଆ । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୭ ।

ପଟ୍ଟନାୟକ, ବବୁଧେନ୍ଦ୍ର ନାରାୟଣ । *ଓଡିଆ ଭାଷା: ଆଜି ଓ ଆସନ୍ତାକାଲି* । ଆମ ଓଡିଶା ବକ୍ତୃତାମାଳା –୧୩ । ଭୁବନେଶ୍ୱର: ଆମ ଓଡିଶା, ୨୮ ଏପ୍ରିଲ୍ ୨୦୧୫ ।

Abu El-Haj, Thea Renda. Elusive Justice: Wrestling with Difference and Educational Equality in Everyday Practice. London: Routledge, 2006.

Altbach, Philip G. "The Imperial Tongue: English as the Dominating Academic Language". A Half-Century of Indian Higher Education: Essays by Philip G Altbach. ed. Pawan Agarwal. New Delhi: Sage Publications Indian Pvt Ltd., 2012. 379-392.

Barba, Eugenio and Nicola Savarese. A Dictionary of Theatre Anthropology: The Secret Art of the Performer. London: Routledge, 1991.

Bhattacharya, Bishnupada. A Study in Language and Meaning: A Critical Examination of Some Aspects of Semantics. Calcutta: Progressive Publishers, 1962.

Ceramella, Nick. "Is English a Killer Language or an International Auxiliary ? Its Use and Function in a Globalised World". International Journal of Language, Translation and Intercultural Communication 1.1(2012): 9-23.

Devy, Ganesh Narayandas. The Crisis Within: On Knowledge and Education in India. New Delhi: Aleph Book Company, 2017.

Dey, Susshil Kumar. History of Sanskrit Poetics. Vol 1 (1923), & Vol 2 (1925). Calcutta: Firma KLM Private Ltd., 1960.

Fludernik, Monika. An Introduction to Narratology. 2006. Translated from the German by Patricia Häusler-Greenfield, and Monika Fludernik. London: Routledge, 2009.

Goldstein, Tara. Teaching and Learning in a Multilingual School: Choices, Risks, and Dilemmas. Mahwah, NJ Lawrence Erlbaum Associates, Inc., 2003.

Higgins, Christina. English as a Local Language Post-colonial Identities and Multilingual Practices. Bristol: Multilingual Matters, 2009.

Kapoor, Kapil. Text and Interpretation: The Indian Tradition. New Delhi: DK Print World (P) Ltd., 2005.

Ofelia García, Ofelia, Tove Skutnabb-Kangas, and María E. Torres-Guzmán. eds. Imagining Multilingual Schools: Languages in Education and Glocalization. Clevedon: Multilingual Matters Ltd, 2006.

Osborn, Terry A. Teaching World Languages for Social Justice: A Sourcebook of Principles and Practices. Mahwah, New Jersey: Lawrence Erlbaum Associates, Inc., Publishers, 2006.

Ouane, Adama. "The Impossible Debate about the Use of Mother Tongues in Education." Towards a Multilingual Culture of Education. ed. Adama Ouane, UNESCO.

Hamburge: UNESCO Institute for Education, 2003.

Pattnayak, Debi Prasanna. Mulilingualism and Mother Tongue Education. New Delhi: Oxford University Press, 1981.

Schechner, Richard. Performance Theory. 1988. London: Routledge, 2003.

Rassool, Naz. Global Issues in Language, Education and Development Perspectives from Postcolonial Countries. Clevedon: Multiinual Mattes Ltd, 2007.

Sheldon. The Language of the Gods in the World of Men: Sanskrit, Culture, and Power in Premodern India. California: University of California Press, 2006.

SkutnabbKangas, Tove. Linguistic Genocide in Education or Worldwide Diversity and Human Rights ? Mahwah, NJ: Lawrence Erlbaum Associates, Inc., 2000.

The Word Bank. World Development Report 2018: 'Learning to Realise Education's Promise'. Washington DC: International Bank for Reconstruction and Development, 2018.

The World Bank. Indigenous Knowledge for Development A Framework for Action WIPRO. Traditional Knowledge & Indigenous Peoples. Edited and translated by Ulia Popova-Gosart. Geneva: Information & Education Network of Indigenous Peoples and World Intellectual Property Orgnization, 2009.

UNESCO. Language Education in Multilingual India. ed. Chander J Daswani. New Delhi: UNESCO, 2001.

UNESCO. Mother Tongue Matters: Local Language as a Key to Effective Learning. Paris: UNESCO, 2008.

UNESCO. Strong Foundations: Early Childhood Care and Education. Paris: UNESCO, 2006.

UNESCO. The Use of Vernacular Languages in Education. Monographs of Fundamental Education-III. Paris: UNESCO, 1953.

Weber, Albrecht. The History of India Literature. trans. John Mann, and Theodor Zacharie. London: Kegan Paul, Trench, Trubner, & Co. Ltd., 1892.

ଇଷ୍ଟର୍ଣ୍ଣ ରିଜିଓନାଲ ଲାଙ୍ଗୁଏଜ୍ ସେଣ୍ଟର
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ : ୯୪୩୮୧୮୩୭୩୮